# NATIONAL NEWS BULLETIN (ODIA)

## 6 April - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ତାଙ୍କ ସରକାର ଗଠନ ହେବାର ୧୦୦ ଦିନ ମଧ୍ୟରେ ଦୁର୍ନୀତି ବିରୁଦ୍ଧରେ ବଡ଼ ବଡ଼ ନିଷ୍ପତ୍ତିମାନ ଗ୍ରହଣ କରାଯିବ ।
- କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେ କହିଛନ୍ତି, କଂଗ୍ରେସ ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ସଂଗ୍ରାମ କରୁଛି ।
- ଦେଶରେ ପିଲାମାନଙ୍କୁ ଚୋରି କରି ସେମାନଙ୍କର କିଣାବିକା କରୁଥିବା ଏକ ନେଟୱର୍କକୁ ସି.ବି.ଆଇ. ଠାବ କରିଛି ।
- କାଜଖସ୍ତାନ ଇଣ୍ଟର ନ୍ୟାସନାଲ ବ୍ୟାଡମିଣ୍ଟନ ଚ୍ୟାଲେଞ୍ଜ ଟୁର୍ଣ୍ଣାମେଣ୍ଟରେ ଭାରତର ଅନୁପମା ଉପାଧ୍ୟାୟ ଓ ଏମ୍. ତରୁଣ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗିଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି ।

ଏବଂ

- ପର୍ଥରେ ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ହକି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆ ଠାରୁ ୫-୧ରେ ହାରିଯାଇଛି ।

# ପିଏମ୍-ଜୟପୁର

କଂଗ୍ରେସ ଇସ୍ତାହାରକୁ ମିଥ୍ୟା ପ୍ରତିଶ୍ରୁତି ବୋଲି ବର୍ଣ୍ଣନା କରି ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ତୃତୀୟ ଥର ପାଇଁ ସେ କ୍ଷମତାକୁ ଫେରିବା ଆଉ ବେଶୀ ଦୂର ନୁହେଁ ଓ ବିଜେପି ସରକାର ଶାସନର ୧୦୦ ଦିନ ମଧ୍ୟରେ ଦୁର୍ନୀତି ବିରୁଦ୍ଧରେ ବଡ଼ ବଡ଼ ନିଷ୍ପତ୍ତିମାନ ନେବେ। ରାଜସ୍ଥାନର ପୁଷ୍କର ଠାରେ ସେ ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ କରାଯାଇଥିବା କାର୍ଯ୍ୟ ନିମିତ୍ତମାତ୍ର ଓ ଆଗକୁ ଅନେକ କାର୍ଯ୍ୟ କରିବାକୁ ରହିଛି। କଂଗ୍ରେସର ନିର୍ବାଚନ ଇସ୍ତାହାରକୁ ମିଥ୍ୟା ପ୍ରତିଶ୍ରୁତି ଦର୍ଶାଇ ଏହା ଦେଶକୁ ବିଭାଜିତ କରିବ ବୋଲି ସେ କହିଛନ୍ତି।

ଶ୍ରୀ ମୋଦୀ କହିଛନ୍ତି, କଂଗ୍ରେସର କୌଣସି ନୀତି କିମ୍ବା ନିୟମ ନାହିଁ। ଏଭଳି ଏକ ପାର୍ଟି ଦେଶର ସ୍ୱାର୍ଥ ପାଇଁ କିଛି କରିପାରିବ ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସର ତୀବ୍ର ସମାଲୋଚନା କରି ଶ୍ରୀ ମୋଦୀ କହିଛନ୍ତି, ଏହା ଏକ ପରିବାରଭିତ୍ତିକ ପାର୍ଟି ଓ ଦୁର୍ନୀତିଗ୍ରସ୍ତ ପାର୍ଟି। ବିଜେପି ନବଭାରତର ଗଠନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ତାଙ୍କର ଗ୍ୟାରେଣ୍ଟି ବିଷୟରେ ସେ କହିଛନ୍ତି, ମହିଳାମାନଙ୍କର ଖୁସି, ସମ୍ମାନ, ସୁରକ୍ଷା ଓ ସମୃଦ୍ଧି ମୋଦୀ ସରକାରଙ୍କର ଗ୍ୟାରେଣ୍ଟି। ସେ କହିଛନ୍ତି, ଭାରତ ୨୦୪୭ ସୁଦ୍ଧା ବିକଶିତ ଦେଶରେ ପରିଣତ ହେବ। ସେ କହିଛନ୍ତି, ଦିନେ

ଗ୍ରାମାଞ୍ଚଳର ଲୋକମାନେ ସାଇକେଲ୍ ଚଢ଼ିପାରି ନ ଥିବାବେଳେ ବର୍ତ୍ତମାନ ସେମାନେ ଡ୍ରୋନ୍ ଚଳାଉଛନ୍ତି । ମହିଳାମାନେ ଇସ୍ରୋ ପାଇଁ ବଡ଼ ବଡ଼ ପ୍ରକଳ୍ପର ଦାୟିତ୍ୱ ନେଇଥିବା କଥା ସେ କହିଛନ୍ତି । ଭାରତରେ ସର୍ବାଧିକ ମହିଳା ପାଇଲଟ୍ ରହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ୨୦୧୪ରେ ତାଙ୍କ ସରକାର ଆସିବା ଠାରୁ ଦେଶରେ ବଡ଼ ବଡ଼ ପରିବର୍ତ୍ତନ ଆସିଛି । ସେ କହିଛନ୍ତି, ଭାରତ ସମୁଦ୍ରରେ ବଡ଼ ବଡ଼ ପୋଲ ନିର୍ମାଣ କରିଛି । ଦେଶର ସୀମାରେ ସୁରକ୍ଷା ବୃଦ୍ଧି ପାଇଛି ଓ ପାହାଡ଼ ଗୁଡ଼ିକରେ ସୁଡ଼ଙ୍ଗମାନ କରାଯାଇଛି । ରାଜ୍ୟର ପୂର୍ବତନ କଂଗ୍ରେସ ସରକାର ବିଷୟରେ ସେ କହିଛନ୍ତି, ରାଜସ୍ଥାନରେ ପ୍ରଶ୍ନପତ୍ର ପ୍ରଘଟ, ମାଫିଆରାଜ୍ ଓ ଲୁଟ୍ ହେଉଥିଲା । ବିଜେପି ସରକାର ଆସିବାଠାରୁ  ପେପର ମାଫିଆମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେ କହିଛନ୍ତି, ରାଜ୍ୟ ସରକାର **ଇଷ୍ଟର୍ଣ୍ଣ ରାଜସ୍ଥାନ କେନାଲ ପ୍ରୋଜେକ୍ଟ** ପାଇଁ ରାଜି ହୋଇଛନ୍ତି । ଏହି ପ୍ରକଳ୍ପ ରାଜସ୍ଥାନର ଜଳ ସମସ୍ୟା ଦୂର କରିବ ।

## ଜୟପୁର-କଂଗ୍ରେସ

କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେ କହିଛନ୍ତି, କଂଗ୍ରେସ ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ସଂଗ୍ରାମ କରୁଛି । ଜୟପୁର ଠାରେ ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କଂଗ୍ରେସ ଏହାର ୫୫ ବର୍ଷର ଶାସନ କାଳରେ ବିକାଶ ପାଇଁ

କାର୍ଯ୍ୟ କରିଛି, ମୌଳିକଢାଞ୍ଚା ସୃଷ୍ଟି କରିଛି ଏବଂ ଆଇ.ଆଇ.ଟି. ଓ ଆଇ.ଆଇ.ଏମ୍ ଭଳି ଅନୁଷ୍ଠାନ ଗୁଡ଼ିକ ସ୍ଥାପନ କରିଛି। କିନ୍ତୁ ବିଜେପି' କଂଗ୍ରେସ ସରକାର ଅମଳରେ ସ୍ଥାପନ କରାଯାଇଥିବା ରେଳ ଲାଇନ୍ ଗୁଡ଼ିକରେ ଟ୍ରେନ୍ ଗୁଡ଼ିକର ଶୁଭାରମ୍ଭ କରି ବାହାବା ନେଉଛି।

ବିଜେପି ଗ୍ୟାରେଣ୍ଟି ଶବ୍ଦ ଅପହରଣ କରି ନେଇଥିବାର ଦୋଷାରୋପ କରି ସେ କହିଛନ୍ତି, କଂଗ୍ରେସ ଯେଉଁ ରାଜ୍ୟ ଗୁଡ଼ିକରେ ଶାସନ କରୁଛି, ସେଗୁଡ଼ିକରେ ଗ୍ୟାରେଣ୍ଟି ଗୁଡ଼ିକର ପୂରଣ କରାଯାଉଛି। କଂଗ୍ରେସ ନେତା ସୋନିଆ ଗାନ୍ଧୀ ର୍‍ୟାଲିରେ ଉଦ୍‌ବୋଧନ ଦେଇ କହିଛନ୍ତି, ବିଗତ ୧୦ ବର୍ଷ ଧରି ଦେଶରେ ଏଭଳି ଏକ ସରକାର ଶାସନ କରୁଛି, ଯେଉଁଠି ବେକାରୀ, ମୁଦ୍ରାସ୍ଫୀତି, ଅର୍ଥନୈତିକ ସଂକଟ ଓ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ସେ କହିଛନ୍ତି, ଦେଶ କିଛି ଲୋକଙ୍କର ସମ୍ପତ୍ତି ନୁହେଁ, ଏହା ଉପରେ ସମସ୍ତଙ୍କର ଅଧିକାର ରହିଛି। ର୍‍ୟାଲିରେ ଉଦ୍‌ବୋଧନ ଦେଇ ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ପ୍ରିୟାଙ୍କା ଗାନ୍ଧୀ ବାଡ୍ରା' ସଂଘୀୟ ସଂସ୍ଥା ଗୁଡ଼ିକ ଦ୍ୱାରା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ କରାଯିବା ବିଷୟ ଉତ୍ଥାପନ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ରରେ ବିଜେପି ଶାସନ କାଳରେ ବିରୋଧୀ ଦଳ ଉପରେ ଅତ୍ୟାଚାର ହେଉଛି। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ, ରାଜସ୍ଥାନର ପି.ସି.ସି. ମୁଖ୍ୟ ଗୋବିନ୍ଦ ସିଂ ଦୋତସରା ଓ

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ଉଦ୍‌ବୋଧନ ଦେଇଛନ୍ତି। ଏହି ର୍‍ୟାଲିରେ କଂଗ୍ରେସର ନ୍ୟାୟପତ୍ର ଜାରି ହୋଇଛି।

## ବିଜେପି-ଦିଲ୍ଲୀ

ଗତ ଦଶନ୍ଧିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହୋଇଥିବା ପରିବର୍ତ୍ତନଗୁଡ଼ିକର ଉଲ୍ଲେଖ କରି ଦିଲ୍ଲୀ ବିଜେପି ଯୁବମୋର୍ଚ୍ଚା ଏକ ନୂଆ ୱେବସାଇଟ୍ ଆରମ୍ଭ କରିଛି। ଏହି ୱେବସାଇଟ୍‌ର ନାମ 'ମୋଦୀ ଟ୍ରାନ୍ସଫର୍ମିଂ ଭାରତ' ରହିଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ଦିଲ୍ଲୀ ବିଜେପି ସଭାପତି ବିରେନ୍ଦ୍ର ସଚ୍ଚଦେବା ସରକାରଙ୍କ ଯୋଜନା ଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି ପାଇଁ ଯୁବାମାନଙ୍କର ଅଂଶଗ୍ରହଣ ପ୍ରତି ଗୁରୁତ୍ୱାରୋପ କରିଛନ୍ତି। ଦେଶ ଗଠନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସେ ଉଲ୍ଲେଖ କରିଛନ୍ତି। ବିଜେପି ଶାସନ ସମୟରେ ବିଭିନ୍ନ କ୍ଷେତ୍ରରେ ବିକାଶ ଘଟିଥିବାର ସେ ଦର୍ଶାଇଛନ୍ତି। ସେ କହିଛନ୍ତି, ଯୁବ ନେତାମାନେ ଦିଲ୍ଲୀର ସମସ୍ତ ୭୦ଟି ଯାକ ବିଧାନସଭା ଆସନକୁ ଗସ୍ତ କରି ଲୋକମାନଙ୍କୁ ବିକାଶ ବିଷୟରେ ସଚେତନା କରାଇବେ।

## ସିବିଆଇ-ଇନ୍‌ଫାଣ୍ଟ ଟ୍ରାକର୍ସ

ଦେଶରେ ପିଲାମାନଙ୍କୁ ଚୋରି କରି ସେମାନଙ୍କର କିଣାବିକା କରୁଥିବା ଏକ ନେଟ୍‌ୱର୍କକୁ ସି.ବି.ଆଇ. ଠାବ କରିଛି। ଏହି ଅଭିଯାନର

ଅଂଶସ୍ୱରୂପ ସି.ବି.ଆଇ. ଦିଲ୍ଲୀ ଓ ହରିୟାଣାର ୭ଟି ସ୍ଥାନରେ ଚଢ଼ଉ କରିଥିଲା । ଦେଢ଼ ଦିନ ଓ ୧୫ ଦିନ ବୟସର ଦୁଇଟି ଶିଶୁ ପୁତ୍ର ଓ ୧ ମାସ ବୟସର ଏକ କନ୍ୟା ଶିଶୁକୁ ଚଢ଼ଉ ସମୟରେ ଉଦ୍ଧାର କରାଯାଇଛି । ସାଢ଼େ ୫ ଲକ୍ଷ ନଗଦ ଟଙ୍କା, ଆପତ୍ତି ଜନକ ସାମଗ୍ରୀ ଓ ଓ ଅନ୍ୟ ଦସ୍ତାବିଜ୍ ମଧ୍ୟ ଉଦ୍ଧାର କରାଯାଇଛି । ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସି.ବି.ଆଇ. ଏକ ଫୌଜଦାରୀ ମାମଲା ରୁଜୁ କରିଛି । ପିଲାମାନଙ୍କର ଚୋରି ସହ ଜଡ଼ିତ ଥିବା ସେହି ଗୋଷ୍ଠୀ ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ଲୋକ ଏବଂ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଲୋକଙ୍କୁ ପିଲା ଯୋଗାଉଥିଲେ ଓ ବିକ୍ରି କରୁଥିଲେ । ଏ ପର୍ଯ୍ୟନ୍ତ ହୋଇଥିବା ତଦନ୍ତରୁ ସେମାନେ ବିଜ୍ଞାପନ, ସାମାଜିକ ଗଣମାଧ୍ୟମ ଓ ଅନ୍ୟାନ୍ୟ ମାଧ୍ୟମ ଜରିଆରେ ଛୁଆପିଲା ନଥିବା ଲୋକମାନଙ୍କ ବିଷୟରେ ଖବର ସଂଗ୍ରହ କରି ସେମାନଙ୍କ ସହ ଯୋଗାଯୋଗ କରୁଥିବାର ଜଣାପଡ଼ିଛି । ସେମାନେ କିଛି ଲୋକଙ୍କଠାରୁ ଓ ଅନ୍ୟମାନଙ୍କ ଠାରୁ ପିଲାମାନଙ୍କୁ କିଣି ନେଇ ଛୁଆପିଲା ନ ଥିବାର ଲୋକଙ୍କୁ ୪ରୁ ୬ ଲକ୍ଷ ଟଙ୍କାରେ ପିଲାମାନଙ୍କୁ ବିକ୍ରି କରୁଥିଲେ । ସେମାନେ ଛୁଆପିଲା ନ ଥିବା ଲୋକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବାର ମଧ୍ୟ ଅଭିଯୋଗ ରହିଛି ।

**ଆର୍‌ଏସ୍‌-ଓଥ୍‌**

ବିଜେପି ସଭାପତି ଜେ.ପି. ନଡ୍ଡା ଓ ୫ ଜଣ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଆଜି ଶପଥ ନେଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ପାର୍ଲାମେଣ୍ଟ ସଦନ ମଧ୍ୟରେ ସେମାନଙ୍କୁ ଶପଥ ପାଠ କରାଇଥିଲେ । ବିଜେପିରୁ ଅଶୋକ ରାଓ, ଶଙ୍କର ରାଓ ଚୌହ୍ୱାନ ଓ ଚୁନୀଲାଲ ଗରାସିଆ, **AITC** ରୁ ସୁସ୍ମିତା ଦେବ ଓ ମହମ୍ମଦ ନଦୀମଉଲ୍ ଓ କଂଗ୍ରେସରୁ ଅନୀଲ ଯାଦବ ରାଜ୍ୟସଭା ସଦସ୍ୟଭାବେ ଶପଥ ନେଇଛନ୍ତି ।

## ଆପ୍‌-ବିଜେପି

ଆମ୍ ଆଦ୍‌ମୀ ପାର୍ଟି ଓ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣିଥିବା ଯୋଗୁଁ ଆମ୍ ଆଦ୍‌ମୀ ପାର୍ଟି ବିଜେପିର କଟୁ ସମାଲୋଚନା କରିଛି । ନୂଆଦିଲ୍ଲୀରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତାବେଳେ ପାର୍ଟି ନେତା ତଥା ଦିଲ୍ଲୀ ସରକାରରେ ମନ୍ତ୍ରୀ ଆତିଶି କହିଛନ୍ତି, ଆମ୍ ଆଦ୍‌ମୀ ପାର୍ଟି ନେତାମାନଙ୍କୁ ଦବାଇବା ପାଇଁ ବିଜେପି ସରକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି । ଅବକାରୀ ନୀତି ମାମଲାରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ଗୋଟିଏ ବି ଟଙ୍କା ଠାବ କରିପାରିନାହିଁ । ଅରବିନ୍ଦ କେଜରିୱାଲଙ୍କ ବିରୁଦ୍ଧରେ ଗୋଆ ଅଦାଲତ ମାମଲାକୁ ଖାରଜ କରିଥିବାର ସେ କହିଛନ୍ତି । ଆତିଶି କହିଛନ୍ତି, ଯଦି ବିଜେପି ଆମ୍ ଆଦ୍‌ମୀ ପାର୍ଟି ସହ ରାଜନୈତିକ ଲଢ଼େଇରେ ସାମିଲ

ହେବାକୁ ଚାହେଁ ତାହାହେଲେ ଏହା ରାଜନୈତିକ ରଣକ୍ଷେତ୍ରରେ ହେବା ଉଚିତ।

ଇତିମଧ୍ୟରେ ବିଜେପି' ଆମ୍ ଆଦ୍‌ମୀ ପାର୍ଟି ନେତା ଅତିଶିଙ୍କର ସମାଲୋଚନା କରି ସେ ମିଥ୍ୟା କଥା କହିଥିବାର ଦର୍ଶାଇଛନ୍ତି। ଦିଲ୍ଲୀ ବିଜେପି ସଭାପତି ବିରେନ୍ଦ୍ର ସଚ୍ଚଦେବା କହିଛନ୍ତି,  ନିଜର ଆର୍ଥିକ ସମ୍ବଳ ବୃଦ୍ଧି କରିବାକୁ ଆମ୍ ଆଦମ୍ୀ ପାର୍ଟି ଅବକାରୀ ନୀତି ପ୍ରଣୟନ କରିଥିଲା। ଯଦି ଅବକାରୀ ନୀତିରେ କୌଣସି ଅନିୟମିତତା ନ ଥିଲା, ତେବେ କେଜିରୱାଲଙ୍କ ସରକାର ଏହାକୁ କାହିଁକି ପ୍ରତ୍ୟାହାର କରିଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଜୟଶଙ୍କର-ଲାଓସ

ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି, ଲାଓସରେ କାମ କରିବା ପାଇଁ ଯାଇଥିବା ୧୭ ଜଣ ଭାରତୀୟ ଶ୍ରମିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ସେମାନଙ୍କୁ ଲାଓସରେ ଅସୁରକ୍ଷିତ ପରିସ୍ଥିତିରେ କାର୍ଯ୍ୟ କରିବାକୁ ପ୍ରଲୋଭିତ କରାଯାଇଥିଲା। ଏକ ପୋଷ୍ଟ କରି ଲାଓସ ସ୍ଥିତ ଭାରତୀୟ ଦୂତାବାସର ସେ ପ୍ରଶଂସା କରିଛନ୍ତି ଓ ଲାଓସ କର୍ତ୍ତୃପକ୍ଷଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ବ୍ୟାଡମିଣ୍ଟନ– କାଜାଖସ୍ତାନ ଟାଇଟଲ୍ସ

କାଜାଖସ୍ତାନର ଅସ୍ତାନାରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଚ୍ୟାଲେଞ୍ଜରେ ଭାରତର ଅନୁପମା ଉପାଧ୍ୟାୟ ମହିଳା ବର୍ଗରେ ଏବଂ ଏମ୍.ତରୁଣ ପୁରୁଷ ସିଙ୍ଗିଲ୍ସରେ ଟାଇଟଲ ହାସଲ କରିଛନ୍ତି। ଆଜି ସର୍ବଭାରତୀୟ ମହିଳା ସିଙ୍ଗିଲ୍ସ ଫାଇନାଲରେ ଅନୁପମା' ଇସ୍ରାନୀ ବରୁହାଙ୍କୁ ୨୧-୧୫, ୨୧-୧୬ ସେଟ୍‌ରେ ପରାସ୍ତ କରିଥିଲେ। ସେହିଭଳି ପୁରୁଷ ବିଭାଗ ଫାଇନାଲରେ ଏମ୍.ତରୁଣ ମାଲେସିଆର ଅଷ୍ଟମ ସିଡ୍ ମାନ୍ୟତାପ୍ରାପ୍ତ ସୁଙ୍ଗ ଜୋ ଭେନ୍‌ଙ୍କୁ ୨୧-୧୦, ୨୧-୧୯ ସେଟ୍‌ରେ ପରାସ୍ତ କରି ଏହି ଟାଇଟଲ ହାସଲ କରିଛନ୍ତି।